



## ନିଖୋଜ ଅଂଶୁମାନଙ୍କ ମିଳୁନି ପତ୍ତା

**ସନ୍ଧାନ ଦେଲେ ମିଳିବ ୨୦ ହଜାର ଟଙ୍କା ପୁରସ୍କାର**



**କନ୍ଦରପୁର, ୩୦।୪(ସମିସ):** କଟକ କମିସନରେଟ୍ ପୁଲିସ ଅନ୍ତର୍ଗତ ୪୨ ମୌଜା ଥାନା କଳପଡ଼ା ଗ୍ରାମର ଜଣେ ନାବାଳକ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ସ୍ୱର୍ଗତ ସୁରେଶ ଚନ୍ଦ୍ର ପରିଡ଼ାଙ୍କ ପୁଅ ଅଂଶୁମାନ ଗତ ୨୭ ତାରିଖ ସନ୍ଧ୍ୟାରେ କଳପଡ଼ା ବଜାରକୁ ଯାଇଥିବା ବେଳେ ସେଠାରୁ ଆଉ ଘରକୁ ଫେରିନାହାନ୍ତି। ଅଂଶୁମାନ ଏକ ନାଲି ରଙ୍ଗର ଟି-ସାର୍ଟ ଏବଂ କଳା ରଙ୍ଗର ଫୁଲ୍ ପ୍ୟାଣ୍ଟ୍ ପିନ୍ଧିଥିଲେ। ଅଂଶୁମାନଙ୍କ ସନ୍ଧାନ ପାଇଁ ପୁଲିସ ପକ୍ଷରୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। କୌଣସି ସହୃଦୟ ବ୍ୟକ୍ତି ନାବାଳକଙ୍କ ସମ୍ପର୍କରେ କିଛି ସୂଚନା ପାଇଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ୪୨ ମୌଜା ଥାନାକୁ ଜଣାଇବା ପାଇଁ ସମାଜସେବୀ ବିଜୟ କୁମାର ନାୟକ ନିବେଦନ କରିଛନ୍ତି।

## 'ଆମ ପରିଚୟ'ର ୨୧ତମ ସ୍ୱନକ୍ଷତ୍ର ଉତ୍ସବ



**କଟକ, ୩୦।୪(ସମିସ):** ସମୟର ପରିଭାଷା ଆମ ପରିଚୟର ୨୧ତମ ସ୍ୱନକ୍ଷତ୍ର ଉତ୍ସବ ଚୌଧୁରୀବଜାରସ୍ଥିତ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସରେ ଆୟୋଜିତ ଏହି ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭେଷଜ ବିଜ୍ଞାନୀ ପ୍ରଫେସର ଡା. ସିବିକେ ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋଆ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଡିନ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଅତିରିକ୍ତ ଏସପି ଜିତେନ୍ଦ୍ର କୁମାର ଦଳେଇ, ଏସସିବି ଆନାସ୍ଥେସିଆ ବିଭାଗର ସହକାରୀ ପ୍ରଫେସର ଡା. ସୁସଜିତ ପ୍ରଧାନ, ଇଫକୋର ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ମୁଖ୍ୟବକ୍ତା ଭାବେ ରୋଟାରିୟାନ ଯଜ୍ଞାଶିଷ ମହାପାତ୍ର ମଧୁ ବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ତ୍ରିଲୋଚନ ପାଢ଼ୀ ମଞ୍ଚ ପରିଚାଳନା ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକାଶକ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରୋଗୀ ସେବା, ସାହିତ୍ୟ, ଆଇନସେବା, ସମାଜସେବା, ଶିକ୍ଷା ଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଆମ ପରିଚୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଯୁବ ପ୍ରତିଭାଧାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅତିଥିମାନେ ପ୍ରତିଭାଧାରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରିଥିଲେ।

### କଟକ କଲେକ୍ଟରେଟ ଷ୍ଟାଫ କମିଟି ନିର୍ବାଚନ ଶେଷ

## ନରେଶ ସଭାପତି ଓ ସୁବ୍ରତ ସାଧାରଣ ସମ୍ପାଦକ



**କଟକ, ୩୦।୪(ସମିସ):** କଟକ କଲେକ୍ଟରେଟ କର୍ମଚାରୀ ଷ୍ଟାଫ କମିଟିର ନିର୍ବାଚନ ପୂର୍ବ ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ଏହି ନିର୍ବାଚନରେ ନରେଶଚନ୍ଦ୍ର ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଅଜୟ କୁମାର ମୁଦୁଲି ଉପସଭାପତି ଏବଂ ସୁବ୍ରତ କୁମାର ସାହୁ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ଅନ୍ୟାନ୍ୟ ପ୍ରମୁଖ ପଦବୀ ମଧ୍ୟରେ ସଞ୍ଜୟ କୁମାର ସାହୁ ସମ୍ପାଦକ (ସଂଗଠନ), ମଙ୍ଗଳଦୀପ ବୋଷ ସମ୍ପାଦକ (ଅର୍ଥ), ଅମ୍ବିକା ପ୍ରସାଦ ସାମନ୍ତରାୟ ସମ୍ପାଦକ (ସାଂସ୍କୃତିକ), କମଳ ଲୋଚନ ବେହେରା ସମ୍ପାଦକ (କ୍ରୀଡା), ନିଖିଳେଶ ପ୍ରଧାନ ସମ୍ପାଦକ (କ୍ଷେତ୍ର କର୍ମଚାରୀ) ଏବଂ ନିରଞ୍ଜନ ଦାସ ସମ୍ପାଦକ (ଚତୁର୍ଥ ଶ୍ରେଣୀ) ଭାବେ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତା ଆସନ୍ତା ସୋମବାର ଅପରାହ୍ନରେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ। ଆଗାମୀ ଦିନରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଓଡ଼ିଶାର ଏକ ସର୍ବୋଚ୍ଚ ଓ ଆଦର୍ଶ କାର୍ଯ୍ୟାଳୟ ଭାବେ ପ୍ରତିଷ୍ଠିତ କରିବା ପାଇଁ କମିଟି ସମସ୍ତ ପ୍ରକାର ପ୍ରୟାସ ଜାରି ରଖିବ ବୋଲି ସଭାପତି ଶ୍ରୀ ମହାପାତ୍ର ମତ ବ୍ୟକ୍ତ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟିଗିରିଆ, ୩୦।୪(ସମିସ):** ଟିଗିରିଆ ବ୍ଲକ ହାଟମାଳ ପଞ୍ଚାୟତସ୍ଥିତ ନନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କବିଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେଉରୀ ମୁଖ୍ୟଅତିଥି ଏବଂ ମଣ୍ଡଳ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ବାରିଦ ବରଣ ମହାପାତ୍ର, ସୁଶାନ୍ତ ପଣ୍ଡା, ଉମାଶଙ୍କର ରାଉତ ଓ ପ୍ରତାପ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମାଜସେବୀ ବିକ୍ରମ କେଶରୀ ସାମନ୍ତ ସିଂହାର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁମନ୍ତ ପଣ୍ଡା ଓ ସ୍ୱର୍ଣ୍ଣପ୍ରଭା ସିଙ୍କୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।



### କଟକରେ କାଳବୈଶାଖୀର କରାଳ ରୂପ

# ଅନ୍ଧାରରେ ସହର, ଗଛ ଉପୁଡ଼ି ଯାତାୟାତ ଠପ୍













**କଟକ, ୩୦।୪(ସମିସ)**

ଗୁରୁବାର ସନ୍ଧ୍ୟାରେ କଟକ ସହରରେ କାଳବୈଶାଖୀର ଭୀଷଣ ତାଣ୍ଡବ ଦେଖିବାକୁ ମିଳିଛି, ଯାହା ଫଳରେ ସମଗ୍ର ସହରର ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନସାରା ପ୍ରବଳ ଗୁଳୁଗୁଳି ଓ ପ୍ରଚଣ୍ଡ ରୌଦ୍ରତାପ ପରେ ସନ୍ଧ୍ୟା ସମୟରେ ହଠାତ୍ କଳାହାଣ୍ଡିଆ ମେଘ ସାଙ୍ଗକୁ ହାଲୁକା ପବନ ମାଡ଼ିଆସିଥିଲା, ଯାହା ପରବର୍ତ୍ତୀ ସମୟରେ ଘଡ଼ଘଡ଼ି, ବିଜୁଳି ଏବଂ ପ୍ରବଳ ପବନ ସହ ଦୁଇ ଅସରା ଭଲ ବର୍ଷାର ରୂପ ନେଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ସହରର ବିଭିନ୍ନ ଅଞ୍ଚଳରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିବା ବେଳେ ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଡ଼ି ଯାଇଥିଲା, ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ବିଶେଷ କରି ବାଦାମବାଡ଼ି ଟ୍ରାଫିକ ପୋଷ୍ଟରେ ଥିବା ରେଷ୍ଟ ସେଡ୍ ପ୍ରବଳ ବର୍ଷା ଓ ପବନରେ ଉପୁଡ଼ି ଯାଇଥିବା ବେଳେ କେତେକ ସ୍ଥାନରେ ବଡ଼ ବଡ଼ ବିଜ୍ଞାପନ ହୋର୍ଡିଙ୍ଗ ମଧ୍ୟ ଭାଙ୍ଗି ପଡ଼ିଥିବାର ଦେଖିବାକୁ ମିଳିଥିଲା। ଏହି କାରଣରୁ ସହରରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ଏବଂ ସମଗ୍ର କଟକ ଅନ୍ଧାର ହୋଇଯାଇଥିଲା। ରାସ୍ତା ଅବରୋଧ ଯୋଗୁଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଗଛଗୁଡ଼ିକୁ କାଟି ରାସ୍ତାରୁ ହଟାଇବା ସହ ଯାତାୟାତକୁ ସ୍ୱାଭାବିକ କରିଥିଲେ। ଶେଷ ଖବର ହସ୍ତଗତ ହେବା ସୁଦ୍ଧା ସହରରେ ଝିପିଝିପି ବର୍ଷା ସାଙ୍ଗକୁ ପବନ ଜାରି ରହିଛି। ଦୀର୍ଘ ସମୟର ଅସହ୍ୟ ଗୁଳୁଗୁଳି ପରେ ଏହି ବର୍ଷା ପାଣିପାଗକୁ ଥଣ୍ଡା କରି ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲେ ହେଁ, କାଳବୈଶାଖୀର ଏହି ତାଣ୍ଡବ ଓ କ୍ଷୟକ୍ଷତି ସହରବାସୀଙ୍କ ମନରେ ଭୟ ସୃଷ୍ଟି କରିଥିଲା।

## ବାରଙ୍ଗ: ଗଛ ପଡ଼ି ମୁଣ୍ଡଳୀ-ନରାଜ ରାସ୍ତା ଅବରୋଧ

ତ୍ରିଶୂଳିଆ, ୩୦।୪(ସମିସ): ବାରଙ୍ଗ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ହଠାତ୍ କାଳବୈଶାଖୀର ପ୍ରକୋପ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସହ ଜୋରରେ ପବନ ବହିବା ଯୋଗୁଁ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଝଡ଼ର ତୀବ୍ରତା ଯୋଗୁଁ ବହୁ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ମୁଣ୍ଡଳୀରୁ ନରାଜ ଯାଉଥିବା ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଉକ୍ତ ରାସ୍ତାରେ ପାଖାପାଖି ୪୫ ମିନିଟ୍ ଧରି ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ପଡ଼ିଥିବାରୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ମଧ୍ୟ ବିଚ୍ଛିନ୍ନ ହୋଇଛି। ଖବର ପାଇ ବାରଙ୍ଗ ଦମକଳ ବାହିନୀ ଓ ପ୍ରଶାସନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଗଛ ହଟାଇବା କାର୍ଯ୍ୟ ଜାରି ରଖିଛନ୍ତି। ରାସ୍ତା ସଫା ହେବା ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବା ପାଇଁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜଳଛତ୍ର




**ନରସିଂହପୁର, ୩୦।୪(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ଜଳକେଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବାଟୋଇମାନଙ୍କୁ ପ୍ରଚଣ୍ଡ ଖରାରୁ ରକ୍ଷା କରିବା ପାଇଁ ଜଳଛତ୍ର ସେବା ଆରମ୍ଭ କରାଯାଇଛି। ପ୍ରଧାନଆଚାର୍ଯ୍ୟ ମମତାଜ ସାହୁଙ୍କ ତତ୍ତ୍ୱାବଧାନରେ ବାଗଧରିଆରୁ ଏକତାଳ ଯିବା ରାସ୍ତାର ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ ଛୁଟି ଥିବା ସତ୍ତ୍ୱେ କର୍ମଚାରୀ ଅନୁସୂୟା ସେଠୀ, ସସ୍ମିତା ବଳବନ୍ତରାୟ, ସୁଭଦ୍ରା ସାହୁ ଓ ଅଜୟ ବେହେରାଙ୍କ ସମେତ ଅନ୍ୟମାନେ ଏହି ଜନସେବା କାର୍ଯ୍ୟରେ ସକ୍ରିୟ ସହଯୋଗ କରିଛନ୍ତି। ଶିକ୍ଷା ସହିତ ଶୀତବସ୍ତ୍ର ବଣ୍ଟନ ଓ ଅସହାୟଙ୍କୁ ସାହାଯ୍ୟ କରି ଅଞ୍ଚଳରେ ପରିଚିତ ଏହି ବିଦ୍ୟାଳୟର ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

### ଆଜି ବିଶ୍ୱ ଶ୍ରମିକ ଦିବସ

## କଟକରେ ଶ୍ରମିକଙ୍କ ସୁରକ୍ଷା ନିୟମକୁ ଫୁ'

- ବିପଦସଙ୍କୁଳ ଭାବେ କରୁଛନ୍ତି ନର୍ଦ୍ଦମା ସଫେଇ
- ସହରରେ ବଢୁଛନ୍ତି ମାଲମାଲ ଶିଶୁ ଶ୍ରମିକ

**କଟକ, ୩୦।୪(ସମିସ):** ଶୁକ୍ରବାର ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଉଥିବା ବେଳେ ରୌପ୍ୟ ସହର କଟକରେ ଶ୍ରମିକମାନଙ୍କ ନିରାପତ୍ତା ଓ ଅଧିକାରକୁ ନେଇ ଗମ୍ଭୀର ଚିନ୍ତା ପ୍ରକାଶ ପାଇଛି। ସରକାର ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ଏସଓପି ଜାରି କରିଥିଲେ ହେଁ, ସହରରେ ଏବେ ବି ବିପଜ୍ଜନକ ଭାବେ ନାଳ ଓ ମଇଳା ଟାଙ୍କି ସଫେଇ କାର୍ଯ୍ୟରେ ଶ୍ରମିକମାନଙ୍କୁ ବିନା କୌଣସି ସୁରକ୍ଷା ଉପକରଣରେ ନିୟୋଜିତ କରାଯାଉଛି। ମାନୁଆଲ ମଇଳା ସଂଗ୍ରହ ଓ ନିଷେଧ ଆଇନ-୨୦୧୩କୁ ଖୋଲାଖୋଲି ଉଲ୍ଲଂଘନ କରି କଟକ ମହାନଗର ନିଗମ (ସିଏମସି) ସଫେଇ କର୍ମଚାରୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଛି।

ପୂର୍ବରୁ ସିଏମସିର ଏଭଳି ଚରମ ଅବହେଳା ଯୋଗୁଁ ଅନେକ ଶ୍ରମିକଙ୍କ ଜୀବନ ଯାଇଥିବାର ଦୁଃଖଦ ନଜିର ରହିଛି। ୨୦୨୧ରେ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ପ୍ରାୟ ୧୫ ଫୁଟ ଗଭୀର ନାଳ ସଫା କରୁଥିବା ସମୟରେ ବିଷାକ୍ତ ଗ୍ୟାସ ନିର୍ଗତ ହେବା ଫଳରେ ଶ୍ୱାସରୁଦ୍ଧ ହୋଇ ୨ ଜଣ ନିରୀହ ଶ୍ରମିକ ପ୍ରାଣ ହରାଇଥିଲେ। ସେହିପରି ୨୦୧୮ରେ ମହିଦାସ ବଜାର ଅଞ୍ଚଳରେ ଜାଇକା ପ୍ରକଳ୍ପର କାର୍ଯ୍ୟ ଚାଲିଥିବା ବେଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା ଏବଂ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇ ଜଣ ଶ୍ରମିକ ଗୁରୁତର ହୋଇଥିଲେ। ଏଭଳି ମାନୁଆଲ ସଫେଇ ପ୍ରକ୍ରିୟାକୁ ନେଇ ଜାତୀୟ ସଫେଇ କର୍ମଚାରୀ ଆୟୋଗ ଏବଂ ମାନବାଧିକାର କମିଶନ ବିଗତ ଦିନରେ ଅସନ୍ତୋଷ ବ୍ୟକ୍ତ କରି ଏସଓପି ଅନୁସରଣ ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ ବି ଏହା କେବଳ କାଗଜକଲମରେ ସୀମିତ ରହିଛି। ଅନ୍ୟପଟେ କଟକ ସହରରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ଭୟଙ୍କର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଦଳ ଗଠନ କରି ନିୟମିତ ଚଢ଼ଉ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ କର୍ମଚାରୀ ଅଭାବରୁ ଏହା ପ୍ରଭାବଶାଳୀ ହୋଇପାରୁନାହିଁ। ପରିସଂଖ୍ୟାନ ଅନୁଯାୟୀ, ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୩ ହଜାରରୁ ଅଧିକ ଶିଶୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଶ୍ରମିକ ଦିବସର ଉତ୍ସବମୁଖର ପରିବେଶ ମଧ୍ୟରେ ଏହି ଅବହେଳିତ ଶ୍ରେଣୀ ଏବଂ ଶିଶୁ ଶ୍ରମିକଙ୍କ ବାସ୍ତବତା ପ୍ରଶାସନିକ ସଫଳତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁଙ୍କୁ ବିଦାୟ ସମ୍ବର୍ଦ୍ଧନା



**କଟକ, ୩୦।୪(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଗୁରୁବାର ନିଜର ଦୀର୍ଘ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଢ଼ିଆରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ଏକ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ ଏବଂ ପ୍ରାକ୍ତନ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡ଼ଙ୍ଗୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ସୋନାଲି କୁଣ୍ଡ, ଶାଶ୍ୱତୀ ପାଢ଼ୀ ଓ ଅଭିରାମ ଦାସଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଦିଲୀପ କୁମାର ସିହ୍ନା, ଶୈଳେନ୍ଦ୍ର ପଣ୍ଡା, ତାପସ ଓଝା, ଶୁଭ୍ରାଂଶୁ ମିଶ୍ର, ସନ୍ତୋଷ ବାରିକ, ବନଲତା ବେହେରା ଓ ତନ୍ମୟ ସାହୁ ଶ୍ରୀ ଭୂୟାଁଙ୍କ ସହ ଅନୁଭୂତି ସ୍ମୃତିଚାରଣ କରିଥିଲେ। ଶ୍ରୀ ଭୂୟାଁ ୧୯୯୮ରେ ପାଲଲହଡ଼ାରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେ ଲିଙ୍ଗରାଜ ମନ୍ଦିର, ରାଜ୍ୟ ସୂଚନା କେନ୍ଦ୍ର ଏବଂ ଦୀର୍ଘ ୧୪ ବର୍ଷ ଧରି ଜୟଦେବ ଭବନର ମ୍ୟାନେଜର ଭାବେ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ବାଲେଶ୍ୱର ଓ କଟକର ଡିଆଇପିଆରଓ ଭାବେ ଦାୟିତ୍ୱ ତୁଲାଇବା ସହ ଶେଷରେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭାବେ ଅବସର ନେଇଛନ୍ତି। ତାଙ୍କର ସୁଖମୟ ଅବସର ଜୀବନ କାମନା କରି ବିଭାଗୀୟ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଆଇସିଏସ୍ଇ ଓ ଆଇଏସ୍ସି ପରୀକ୍ଷା ଫଳ ପ୍ରକାଶିତ

### ୯୯.୫ ପ୍ରତିଶତ ରଖି ଶ୍ରୀଜିତ ହାଲଦାର ଟପ୍ପର

**କଟକ, ୩୦।୪(ସମିସ):** ଭାରତୀୟ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ପରିଷଦ (ସିଆଇଏସସିଇ) ଦ୍ୱାରା ପରିଚାଳିତ ଦଶମ (ଆଇସିଏସଇ) ଓ ଦ୍ୱାଦଶ (ଆଇଏସସି) ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କଟକ ସହରର ବିଭିନ୍ନ ପ୍ରତିଷ୍ଠିତ ବିଦ୍ୟାଳୟରେ ସଫଳତାର ଲହରୀ ଖେଳିଯାଇଛି। କୃତୀ ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ସଫଳତା ପାଇଁ ସ୍କୁଲ କର୍ତ୍ତୃପକ୍ଷ, ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

### ଷ୍ଟିୱାର୍ଟ ସ୍କୁଲ୍



ବିଦ୍ୟାଳୟ ଦଶମ ପରୀକ୍ଷାରେ ଶତ ପ୍ରତିଫଳ ରେଜଲ୍ଟ ହାସଲ କରିଥିବାବେଳେ ୧୬୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୀଜିତ ହାଲଦାର ୯୯.୫ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ରିଷଭ ଲାଲ ୯୯.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ହର୍ଷିଲ ଅଗ୍ରୱାଲ ୯୮.୬ ପ୍ରତିଶତ ନମ୍ବର ସହିତ ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୭ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ଓ ୪୫ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଛନ୍ତି। କମ୍ପ୍ୟୁଟରରେ ୭, ଇତିହାସରେ ୫ ଓ ଇଂରାଜୀ-୧ ରେ ଜଣେ, ଇଂରାଜୀ-୨ ରେ ୨, ଭୂଗୋଳରେ ୧, ଗଣିତରେ ୨, ରସାୟନରେ ୨ ଜଣ ଏବଂ ଜୀବବିଜ୍ଞାନରେ ୨ଜଣ ୧୦୦ ରୁ ୧୦୦ ପ୍ରତିଶତ ପାଇଛନ୍ତି। (ହ୍ୟୁମାନିଟିଜ) ରେ ସର୍ବୋଚ୍ଚ ୯୩.୫ ପ୍ରତିଶତ ରଖି ଏଞ୍ଜେଲ ଚୌଧୁରୀ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ସ୍କୁଲର ପରିଚାଳନା କମିଟି ସମ୍ପାଦିକା ଡ. ରଶ୍ମିରେଖା ସେନାପତି ଓ ଅଧ୍ୟକ୍ଷା ଡି. ମାର୍ଟିନା ସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସେଣ୍ଟ ଆଣ୍ଟୋନୀ ସ୍କୁଲ

ବିଦ୍ୟାଧରପୁରସ୍ଥିତ ସେଣ୍ଟ ଆଣ୍ଟୋନୀ ସ୍କୁଲରେ ସମସ୍ତ ୬୫ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଯଶ ବର୍ଦ୍ଧନ ସିଂହ ୯୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ, ଶ୍ରେୟାଂଶ ରଥ ୯୪ ପ୍ରତିଶତ ରଖି ଦ୍ୱିତୀୟ ଓ ୯୩.୨ ପ୍ରତିଶତ ନମ୍ବରରେ ଗୀତା ମିଶ୍ର ତୃତୀୟ ହୋଇଛନ୍ତି। ୧୪ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଓ ୨୯ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ଲାଭ କରିଛନ୍ତି।

### ନ୍ୟୁ ଷ୍ଟିୱାର୍ଟ ସ୍କୁଲ



ବିଦ୍ୟାଳୟର ଦଶମ ଶ୍ରେଣୀରେ ପାସ୍ ହାର୍ ୯୭.୨୨ ପ୍ରତିଶତ ରହିଛି। ୧୪୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୪୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୧୮ ଜଣ ପ୍ରଥମ ଶ୍ରେଣୀ, ୧୭ ଦ୍ୱିତୀୟ ଶ୍ରେଣୀ ଏବଂ ୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଶାଶ୍ୱତ ସାହୁ ୯୭. ୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ, ଆଦିତ୍ୟ ବିଜୟ ମେହେର ୯୭.୨ ପ୍ରତିଶତ ରଖି ଦ୍ୱିତୀୟ ଓ ପ୍ରୀତମ ମଲ୍ଲିକ ୯୬.୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଦ୍ୱାଦଶରେ ୯୧. ୬୬ ପ୍ରତିଶତ ପାସ୍ ହାର ହୋଇଛି। ୧୨ ଜଣଙ୍କ ମଧ୍ୟରୁ ୮ ଜଣ ପ୍ରଥମ ଏବଂ ୩ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଦୀକ୍ଷା ମଲାହୋତ୍ରା, ଆୟେଶା ବାରିକ, ଜାହିଦ୍ ଖାନ ଯଥାକ୍ରମେ ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିପାରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ମୋଯୋଶ ମହାନ୍ତି କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କୁଇନ ମେରୀ'ସ୍ ବିଦ୍ୟାଳୟ

ବିଦ୍ୟାଳୟ ସମସ୍ତ ୪୦ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୧୦ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ୮ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂର୍ଯ୍ୟାଂଶ ଅଗ୍ରୱାଲ ୯୮.୬୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିଭଳି ସ୍ନେହାଞ୍ଜଳି ମହାପାତ୍ର ୯୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ବୈଷ୍ଣବ ଶର୍ମା ଓ ଶ୍ରୀଜିତା ମହାନ୍ତି ୯୨ ପ୍ରତିଶତ ନମ୍ବର ରଖି ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ସଭାପତି କେ. ମାଥୁସ୍ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କେମ୍ବ୍ରିଜ ସ୍କୁଲ

ଚଳିତବର୍ଷ ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏସ.ଏସ ସାଇକ୍ରିଷ୍ଣା ୯୯ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିଭଳି ୯୭.୬ ପ୍ରତିଶତ ନମ୍ବର ରଖି ନିହାରେନ୍ଦ୍ର ବେହେରା ଦ୍ୱିତୀୟ ଓ ସାଇ ଅର୍ପଣ ଦାସ ୯୬.୬ ନମ୍ବରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୨୫ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଓ ୧୨୫ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ସୂଚନା ମିଳିଛି।



# ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ

## ● ୮ ବଖରା ଘର ଭସ୍ମ, ୪ ଆହତ

**ନରସିଂହପୁର,୩୦।୪(ସମିସ):** ନରସିଂହପୁର ବ୍ଲକ ରଣସିଂହପୁର ପଞ୍ଚାୟତ ଅନ୍ତର୍ଗତ ମଥୁରାପୁର ଗ୍ରାମରେ ଗୁରୁବାର ଭୋର ସମୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ବିଦ୍ୟୁତ ସର୍ଟ-ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ୪ଟି ପରିବାରର ୮ ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ପ୍ରଥମେ ବଳରାମ ବେହେରାଙ୍କ ଘରୁ ନିଆଁ ଆରମ୍ଭ ହୋଇଥିଲା ଏବଂ ପରେ ଏହା ସୁର ବେହେରା, ଶିବ ବେହେରା ଓ ବୀର ବେହେରାଙ୍କ ଘରକୁ ବ୍ୟାପି ଯାଇଥିଲା। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ଘରେ ଥିବା ଧାନ, ଚାଉଳ, ଲୁଗାପଟା, ବାସନକୁସନ ଓ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ଜଳିଯାଇଥିବା ଜିନିଷ ଉଦ୍ଧାର କରିବା ସମୟରେ ପ୍ରଭାତୀ ବେହେରା ବିଦ୍ୟୁତ ଆଘାତ ପାଇଥିବା ବେଳେ ଶୈଳବାଳା ବେହେରା, ଜୟନ୍ତୀ ବେହେରା ଓ ସୁର ବେହେରା ନିଆଁରେ ପୋଡ଼ି ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ରାଜସ୍ୱ ନିରୀକ୍ଷକ ପ୍ରସନ୍ନଜିତ ମହାନ୍ତି ପହଞ୍ଚି କ୍ଷୟକ୍ଷତିର ଆକଳନ ସହ ତଦନ୍ତ ଆରମ୍ଭ କରିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ସ୍ୱପ୍ନେଶ୍ୱର ପୀଠରେ ବିଶ୍ୱଶାନ୍ତି ଯଜ୍ଞ



**ନିଶ୍ଚିନ୍ତକୋଇଲି,୩୦।୪(ସମିସ):** କଟରପଡ଼ା ପଞ୍ଚାୟତ ଅଧୀନ ମୁରଦାବାଦଠାରେ ଥିବା ଶ୍ରୀ ଶ୍ରୀ ସିଦ୍ଧ ସ୍ୱପ୍ନେଶ୍ୱରଙ୍କଠାରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପବିତ୍ର ବୈଶାଖ ଶୁକ୍ଳ ସୀତାନବମୀ ଅବସରରେ ୧୦୮ ଭକ୍ତମାନଙ୍କ ଦ୍ୱାରା ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରାଯିବା ପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା। ଏହି ମନ୍ଦିର ପରିସରରେ ଥିବା ଗ୍ରହରାଜ ଶନିଦେବଙ୍କ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ହାଣି ଖଣ୍ଡ ବିଖଣ୍ଡ କରିଦେଇଥିବା ବେଳେ ଏଠାରେ ଏକ ନୂତନ ଶନିଶ୍ଚରଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ଗତ ଶନିବାର ଶାନ୍ତିଶୃଙ୍ଖଳାର ସହିତ ଜଳାଭିଷେକ କରାଯାଇଥିଲା। ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ଏହି ଶନିଯାତ୍ରାରେ ସହଯୋଗ କରାଯିବା ସହିତ ତତ୍ତ୍ୱାବଧାରକ ଫକୀରଚରଣ ନାୟକ ଏବଂ ପରିଚାଳନା କମିଟିର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।

# ଏକାଦଶ ବିଶ୍ୱଶାନ୍ତି ମହାଯଜ୍ଞ



**ମାହାଙ୍ଗା,୩୦।୪(ସମିସ):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପଲ୍ଲୀସାହି ଗ୍ରାମପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ବୀର କେଦାରେଶ୍ୱର ପୀଠରେ ପାଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ପବିତ୍ର ଅକ୍ଷୟ ତୃତୀୟା ସୋମବାରଠାରୁ ଆରମ୍ଭ ହୋଇ ଉଦଯାପିତ ହୋଇଛି। ଉପଦେଷ୍ଟା ଆଶାଜିତ୍ ପଟ୍ଟନାୟକ, ଗୌତମ ଶରଣ ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ଯଜ୍ଞ ଓ ପୂଜାଦି କାର୍ଯ୍ୟକ୍ରମ ପଣ୍ଡିତ ସଚ୍ଚିକାନ୍ତ ତ୍ରିପାଠୀ, ଭଗବାନ ନନ୍ଦ ଓ ଅନ୍ୟ ପଣ୍ଡିତମାନେ ସମ୍ପନ୍ନ କରିଥିଲେ। ଯଜ୍ଞର କର୍ତ୍ତା ଭାବେ ଦୈତାରୀ ସାହୁ ଏବଂ ପତ୍ନୀ ପ୍ରତିମା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିରର ବଡ଼ପଣ୍ଡା ମନୋଜ ପଣ୍ଡା ଓ ଅନ୍ୟ ସମସ୍ତ ସେବାୟତଙ୍କ ସହ ଆଖପାଖର ଗ୍ରାମବାସୀ ସହଯୋଗ କରିଥିଲେ।

# ସତ୍ୟନାରାୟଣ ମନ୍ଦିରରେ ପାଲା ମହୋତ୍ସବ



**ଚୌଦ୍ୱାର,୩୦।୪(ସମିସ):** ଓଟିଏମ୍ କଲୋନୀସ୍ଥିତ ଶ୍ରୀ ସତ୍ୟ ନାରାୟଣ ମନ୍ଦିର ପରିସରରେ ୫୫ତମ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟା ଦିନରୁ ଆରମ୍ଭ ହୋଇ ପାଲା କାର୍ଯ୍ୟକ୍ରମ ଦୀର୍ଘ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଅଞ୍ଚଳର ପ୍ରତିଷ୍ଠିତ ପାଲାକାର ଶରତ ନାୟକ ଓ ତାଙ୍କ ସାଥୀଙ୍କ ଦ୍ୱାରା ପ୍ରତିଦିନ ସଂଧ୍ୟାରେ ପରିବେଷିତ ପାଲା କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ସ୍ଥାନୀୟ କାଉନସିଲର ଦିଲ୍ଲୀପ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ପରିଚାଳନା କରିଥିଲେ।

# ମେଗା ପ୍ରକଳ୍ପ ପ୍ରହସନ; ପାଣି ମିଳିବା ସାତସପନ

**ନିଶ୍ଚିନ୍ତକୋଇଲି,୩୦।୪(ସମିସ):**





- ● ନିମ୍ନମାନର କାର୍ଯ୍ୟ ଯୋଗୁଁ ଫାଟୁଛି ପାଇପ୍
- ● ୨ ବର୍ଷ ବିତିଲେ ବି ଘରକୁ ପହଞ୍ଚିଲାନି ପାଇପ୍ ଜଳ
- ● ପ୍ରଶାସନିକ ଉଦାସୀନତାକୁ ନେଇ ଜନଅସନ୍ତୋଷ ତୀବ୍ର
- ● କୋଟି କୋଟି ଟଙ୍କାର ରାସ୍ତାକୁ ଛାରଖାର କଲାଣି ଠିକାସଂସ୍ଥା

ସହରାଞ୍ଚଳ ଭଳି ଗାଁ ଗହଳିର ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ଆରମ୍ଭ କରିଥିବା "ମେଗା ପାନୀୟ ଜଳ ପ୍ରକଳ୍ପ' ଏବେ ନିଶ୍ଚିନ୍ତକୋଇଲି ବ୍ଲକବାସୀଙ୍କ ପାଇଁ ମରଣଯନ୍ତା ସାଜିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନାଁ ନେଉ ନ ଥିବା ବେଳେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ଅଞ୍ଚଳର କୋଟି କୋଟି ଟଙ୍କାର ପକ୍କା ରାସ୍ତା ଏବେ କର୍ଦ୍ଦମାକ୍ତ ଓ ଖାଲଖନ୍ଦାରେ ପରିଣତ ହୋଇଛି। ପାଣି ପାଇବା ପାଇଁ ଅପେକ୍ଷା କରିଥିବା ୭ଟି ପଞ୍ଚାୟତବାସୀ ଏବେ ଯାତାୟତ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ବିଗତ ବିଜେଡି ସରକାର ସମୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ସମେତ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ପଞ୍ଚାୟତ ଯଥା ଜିଗ୍ନିପୁର, ଫଗୋଳ, ଜୟରାମପୁର, ରାମକୃଷ୍ଣପୁର, ନତକାଇ, ବଡକ୍ଷୀର ଓ ନିଶ୍ଚିନ୍ତକୋଇଲିକୁ ଏହି ମେଗା ପ୍ରକଳ୍ପରେ ସାମିଲ କରାଯାଇଥିଲା। ବିଜେପି ସରକାର ଆସିବା ପରେ ଦିନକୁ ମୁଣ୍ଡପିଛା ୭୦ ଲିଟର ପାଣି ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ, ଶାସନର ଦୁଇ ବର୍ଷ ପରେ ବି ସ୍ଥିତିରେ କୌଣସି ସୁଧାର ଆସିନାହିଁ। ପାଣି ଯୋଗାଣ ତ ଦୂରର କଥା, ପ୍ରକଳ୍ପ କାର୍ଯ୍ୟ କେବେ ଶେଷ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପାଇପ୍ ବିଛାଇବା ନାଁରେ ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ପଥଗୁଡ଼ିକୁ ଖୋଳି ପକାଇଛି। ମରାମତି ଅଭାବରୁ ଏହି ରାସ୍ତାଗୁଡ଼ିକ ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଇପଗୁଡ଼ିକୁ ସଠିକ୍ ଗଭୀରତାରେ ପୋତା ଯାଉନାହିଁ ଏବଂ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ନିକଟରେ ପରୀକ୍ଷାମୂଳକ ଭାବେ ମାତ୍ର ଘଣ୍ଟାଏ ପାଇଁ ଜଳ ଛଡ଼ାଯିବା ସମୟରେ ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ଜଳ ନଷ୍ଟ ହେଉଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ପରିବାରର ଘର ପାଖରେ ଗୋଟିଏ ଲେଖାଏଁ ଷ୍ଟାଣ୍ଡ ପୋଷ୍ଟ ଠିଆ କରି ଦିଆଯାଇଛି, ମାତ୍ର ମୁଖ୍ୟ ନଳ ସହିତ ଏହାର ସଂଯୋଗୀକରଣ କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ଫଳରେ ଲୋକେ କେବଳ ଶୁଖିଲା ଷ୍ଟାଣ୍ଡପୋଷ୍ଟକୁ ଚାହିଁ ରହିଛନ୍ତି। ଗ୍ରୀଷ୍ମ ଋତୁର ପ୍ରକୋପ ବଢୁଥିବାରୁ ଜଳାଭାବ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ପ୍ରକଳ୍ପର ସମୀକ୍ଷା କରିବା ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ପିତୃହତ୍ୟା ମାମଲା: ୧୦ ମାସ ପରେ ପୁଅ ଗିରଫ



**ଟାଙ୍ଗୀ,୩୦।୪(ସମିସ):** ଠେଙ୍ଗା ମାଡ଼ରେ ନିଜ ପିତାଙ୍କୁ ହତ୍ୟା କରିବା ଘଟଣାରେ ଫେରାର ଥିବା ଅଭିଯୁକ୍ତ ପୁଅ ବିଶ୍ୱଜିତ ସ୍ୱାଇଁ (୨୪)ଙ୍କୁ ଟାଙ୍ଗୀ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ୨୦୨୫ ଜୁନ୍ ୨୨ ତାରିଖରେ କନ୍ହେଇପୁର ପଞ୍ଚାୟତ ବରପଦା ଗ୍ରାମର ବିଶ୍ୱଜିତ ନିଜ ପିତା ବିପିନ ସ୍ୱାଇଁଙ୍କୁ ଠେଙ୍ଗାରେ ଆକ୍ରମଣ କରି ଗୁରୁତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୪ ଦିନ ପରେ ବିପିନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଟାଙ୍ଗୀ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଜଣକ ଦୀର୍ଘ ଦିନ ଧରି ଫେରାର ରହି ଚାରବାଟିଆସ୍ଥିତ ଏଆରସିରେ ଚାକିରି କରୁଥିଲେ। ପୁଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି ବୋଲି ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି।

# ବିଜେପିର କର୍ମୀ ସମାବେଶ

**ନରସିଂହପୁର,୩୦।୪(ସମିସ):** ନରସିଂହପୁର କ୍ଲବ ପଡ଼ିଆ ପରିସରରେ ବିଧାୟକ ବିଜୟ ଦଳବେହେରାଙ୍କ ନେତୃତ୍ୱରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ପ୍ରଦୀପ ପଟ୍ଟନାୟକ ଶତାଧିକ କର୍ମକର୍ତ୍ତାଙ୍କୁ ନେଇ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଜେପିରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟବାରିକ, ବିଜେପିର ଜିଲ୍ଲା (ଗ୍ରାମୀଣ) ସଭାପତି ରାମ ନାରାୟଣ ମହାନ୍ତି, ବିଜେପି ନେତା ଅରିନ୍ଦମ ରାୟ, ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଜେପି ନେତା ବିଜୁଦତ୍ତ ପଟ୍ଟନାୟକ, ସମିତିସଭ୍ୟ ମନୋଜ ପଣ୍ଡା, ମହେଶ୍ୱର ସେଠି ପ୍ରମୁଖ ଉପସ୍ଥିତ ଥିଲେ।

# ନିଶ୍ଚିନ୍ତକୋଇଲି ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି,୩୦।୪(ସମିସ):** ବଡ଼ଖିର ପଞ୍ଚାୟତସ୍ଥିତ ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଷଡବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି ମିଶ୍ରଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ଆରଏସଏସ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ଯୋଗଦେଇଥିଲେ। ଶିଶୁମନ୍ଦିରର ଯୁଗ୍ମ ସମ୍ପାଦିକ ବିଦ୍ୟୁଲତା ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମୀନକେତନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିଧାୟକ ଶ୍ରୀ ପ୍ରଧାନ ୨୫ ଲକ୍ଷ ଟଙ୍କା ଅନୁଦାନରେ ନୂତନ ଗୃହ ନିର୍ମାଣ ନିମନ୍ତେ ଶୁଭ ଶିଳାନ୍ୟାସ କରିଥିଲେ। ଆଚାର୍ଯ୍ୟା ପ୍ରତିନିଧି ବିଜୟାଲକ୍ଷ୍ମୀ ସ୍ୱାଇଁ, ପ୍ରିୟଦର୍ଶିନୀ ପ୍ରହରାଜ, ସଭ୍ୟ ତଡିତ ମଲିକଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ମନ୍ଦିରର ଉପସଭାପତି ସରକାରୀ ଆଇନଜୀବୀ ଅଶୋକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ■ ସ୍ୱୟଂ ସହାୟକ ଗୋଷ୍ଠୀରେ ଅନିୟମିତତା

# ବିଡିଓଙ୍କୁ ଭେଟିଲେ ବାଦ୍ ପଡ଼ିଥିବା ସଦସ୍ୟା

**ଟାଙ୍ଗୀ,୩୦।୪(ସମିସ):** ଟାଙ୍ଗୀ ବ୍ଲକ ଉଚ୍ଚପଦା ପଞ୍ଚାୟତ ଦମକା ଗ୍ରାମରେ ଥିବା ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଦୀର୍ଘ ୧୨ ବର୍ଷର ଏହି ପୁରାତନ ଗୋଷ୍ଠୀରୁ ବିନା କୌଣସି ଯଥାର୍ଥ କାରଣରେ ୪ ଜଣ ସଦସ୍ୟାଙ୍କୁ ବାହାର କରି ଦିଆଯାଇଥିବା ଅଭିଯୋଗ ହୋଇଛି। ପୁରାତନ ସଦସ୍ୟାଙ୍କୁ ବାଦ୍ ଦେଇ ନୂତନ ସଦସ୍ୟା ଅନ୍ତର୍ଭୁକ୍ତ କରାଯିବା ସହ ବ୍ୟାଙ୍କରୁ ମୋଟା ଅଙ୍କର ଋଣ ଉଠାଯାଇଛି। ଏଥିରେ କ୍ଷୁବ୍ଧ ହୋଇ ଗୋଷ୍ଠୀରୁ ବାଦ୍ ପଡ଼ିଥିବା ସିଲୁଲତା ଜେନା, ପ୍ରେମଲତା ବାରିକ, ଟୁନି ବେହେରା ଓ ସ୍ନେହଲତା ବାରିକ ସ୍ଥାନୀୟ ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣାରେ ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ଓ ବ୍ୟାଙ୍କମିତ୍ରଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯାଇଛି।



# ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କିଶନନଗର,୩୦।୪(ସମିସ):** କଟକ ସଦର ଅନ୍ତର୍ଗତ ଅରିଲୋ ପଞ୍ଚାୟତ ବସ୍ତପଡା ଗ୍ରାମର ଚପଳା ପଣ୍ଡାଙ୍କର ଗତକାଲି ରବିବାର ରାତିରେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି। ସିଏ ଜଣେ ମିଷ୍ଟଭାଷୀ ଅମାୟିକ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ସ୍ୱର୍ଗତା ଚପଳା ପଣ୍ଡାଙ୍କ ବାସଭବନରେ ପହଞ୍ଚି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁତ୍ର ଯୁବ ସମାଜସେବୀ ଶୁଭେନ୍ଦୁ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ବାରଙ୍ଗରେ 'ଗୋ ସମ୍ମାନ ଦିବସ'



**ତ୍ରିଶୂଳିଆ,୩୦।୪(ସମିସ):** ବାରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳର ଗୋପ୍ରେମୀମାନଙ୍କ ପକ୍ଷରୁ "ଗୋ ସମ୍ମାନ ଦିବସ' ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ଗୋ ମାତାଙ୍କୁ "ରାଷ୍ଟ୍ର ମାତା'ର ମର୍ଯ୍ୟାଦା ପ୍ରଦାନ ସହ ସମ୍ବିଧାନରେ ମୌଳିକ ଅଧିକାର ଦେବା, ସାରା ଭାରତରେ ଗୋହତ୍ୟା ସଂପୂର୍ଣ୍ଣ ନିଷେଧ କରିବା ଏବଂ ଗୋ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବୈଜ୍ଞାନିକ ଅନୁସନ୍ଧାନ ଓ ଅନୁଦାନର ବ୍ୟବସ୍ଥା କରିବା ପାଇଁ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବାରଙ୍ଗ ତହସିଲଦାରଙ୍କୁ ଏକ ପ୍ରାର୍ଥନାପତ୍ର ଦାଖଲ କରାଯାଇଛି। ଅଞ୍ଚଳର ବହୁ ସମାଜସେବୀ ଓ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ




**ନିଶ୍ଚିନ୍ତକୋଇଲି,୩୦।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ପିଠାପଡ଼ାଠାରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ସଂଯୋଜନା ଏବଂ ଶକ୍ତିଶ୍ରୀ ସଂଯୋଜିକା ଡ. ପ୍ରଣତି ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ହରେକୃଷ୍ଣ ମହତାବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପିକା ଲିପିକା ଦାସ, ମୁଖ୍ୟବକ୍ତାଭାବେ ସୁସାହିତ୍ୟିକ କବି ଅଧ୍ୟାପକ ଲକ୍ଷ୍ମୀଧର ଦାଶ, ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରସାଦ ନାୟକ, ସୃଜନ ବେହେରା, ରବିନ୍ଦ୍ରନାଥ ଆଚାର୍ଯ୍ୟ, ଆଶିଷ ନାୟକ, ତନ୍ମୟ କିଶୋର ଦାସ, ସୁଦୀପ୍ତ ସ୍ୱାଇଁ, ଅନୀଲ ସାହୁ, ଅଜୟ ଜେନା ସହଯୋଗ କରିଥିଲେ। ଅଧ୍ୟାପିକା ଅଞ୍ଜୁଶ୍ରୀ ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ଆନ୍ଦୋଳନକୁ ୧୦୦ ଦିନ

**କଟକ,୩୦।୪(ସମିସ):**



ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବିରେ ଚାଲିଥିବା ଆନ୍ଦୋଳନ ଆଜି ୧୦୦ ଦିନରେ ପଦାର୍ପଣ କରିଛି। ଏହି ଅବସରରେ ଶୈଳବାଳା ପୁରାତନ ଛାତ୍ରୀ ସଂଘ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ମଧୁବାବୁ ସଂଗ୍ରହାଳୟ ନିକଟରେ ଏକ ପଥପ୍ରାନ୍ତ ସଭା ଓ ନିରବ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଗତ ଏପ୍ରିଲ ୨୮ ତାରିଖ ମଧୁବାବୁଙ୍କ ଜୟନ୍ତୀ ଅବସରରେ ସରକାର ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ନେଇ ବହୁତ ଆଶା ରହିଥିଲା, ମାତ୍ର ସରକାରଙ୍କ ପକ୍ଷରୁ କୌଣସି ଘୋଷଣା ନ ହେବା ସଭାକୁ ଆସିଥିବା ଅତିଥି ଓ ଛାତ୍ରୀମାନଙ୍କୁ ଗଭୀର ନିରାଶ କରିଛି।

ସଭାରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଶୈଳବାଳା ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ କହିଛନ୍ତି ଯେ ବିଗତ ୧୦୦ ଦିନ ଧରି ବହୁ ବାଧାବିଘ୍ନ ସତ୍ତ୍ୱେ ଏହି ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ ଜାରି ରହିଛି। ସେହିପରି ଡଃ ତପତି ଦାସ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ସରକାର ଗୋଟିଏ ପଟେ ନାରୀ ଶକ୍ତିର ବିକାଶ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟପଟେ ନାରୀ ଶିକ୍ଷାର ଅନ୍ତୁଡ଼ିଶାଳ କୁହାଯାଉଥିବା ଶୈଳବାଳାକୁ ଅବହେଳା କରିବା ଅତ୍ୟନ୍ତ ଦୁଃଖଦାୟକ। ସଂଘର ସମ୍ପାଦିକା ପୁଷ୍ପା ସାମଲ ସରକାରଙ୍କ ଏହି 'ବୈମାତୃକ ମନୋଭାବ'କୁ କଡ଼ା ନିନ୍ଦା କରିଛନ୍ତି। ମଧୁସ୍ମୃତି ସୁରକ୍ଷା ମଞ୍ଚର ସଭାପତି ଡଃ ନଟବର ଶତପଥୀ ସରକାରଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ, ଆଉ କାଳବିଳମ୍ବ ନ କରି ତୁରନ୍ତ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଉ। ଗ୍ରେଟର କଟକ ମୁଭମେଣ୍ଟର ଆବାହକ ମନୋଜ ପତି ମଧ ସମାନ ମତ ପ୍ରକାଶ କରି କହିଛନ୍ତି ଯେ ଏହି ପ୍ରସଙ୍ଗରେ ସରକାର ବହୁତ ନିନ୍ଦିତ ହେଲେଣି, ତେଣୁ ଶୀଘ୍ର ନିଷ୍ପତ୍ତି ନେବା ଆବଶ୍ୟକ। ଏହି ପଥପ୍ରାନ୍ତ ସଭାରେ ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣାଙ୍କ ସମେତ ପୁରାତନ ଛାତ୍ରୀ ସଂଘର ନୟନତାରା ନନ୍ଦ, ସ୍ନିଗ୍ଧା ରାୟ, ଡଃ ଶାନ୍ତି ନାୟକ, କୁମକୁମ ବୋଷ, ସୌଦାମିନୀ ଜେନା, ଅଧିବକ୍ତା ଜଗନ୍ନାଥ ମହାନ୍ତି ଓ ଛାତ୍ରୀ ମୌସୁମୀ ମହାନ୍ତ, ତପସ୍ୱିନୀ, ପ୍ରଭାତୀ ପ୍ରମୁଖ ଯୋଗଦେଇ ସରକାରଙ୍କୁ ନିଜର ଦାବି ଜଣାଇଥିଲେ। ଶୈଳବାଳାକୁ ଉପଯୁକ୍ତ ସମ୍ମାନ ନ ମିଳିବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ସରକାରଙ୍କ ନିରବତାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ

# ଦିଶୁମ ହୋ ସମାଜର ସଚେତନତା କାର୍ଯ୍ୟକ୍ରମ

**ଟାଙ୍ଗୀ,୩୦।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଝାଡେଶ୍ୱର କଢେଇ ଗ୍ରାମରେ ହୋ ଆଦିବାସୀ ସାହିରେ କଟକ ଦିଶୁମ ହୋ ସମାଜ, ଓଡ଼ିଶା ଆଦିବାସୀ ଫାଉଣ୍ଡେସନ ଓ ବୀର ବିର୍ସା ମୁଣ୍ଡା ହୋ ଛାତ୍ର ସଂଗଠନ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ଜନଗଣନାରେ ନିଜ ଜାତି ହୋ, ଭାଷା ହୋ ଓ ଧର୍ମ ସାର୍ନା (ଆଦିବାସୀ ଧର୍ମ)ଲେଖିବା ଉପରେ ସଚେତନ କରାଯାଇଥିଲା। କଟକ ଦିଶୁମ ହୋ ସମାଜର ସାଧାରଣ ସମ୍ପାଦକ ମଖୁମଲ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ସେନା କର୍ମଚାରୀ ହେମେନ୍ଦ୍ର ସିଂକୁ ଗ୍ରାମ ମୁରବୀ ମଧୁ ଗାଗାରାଇ ଯୋଗ ଦେଇଥିଲେ। ମୁକେଶ ଗାଗାରାଇ ସଭା ପରିଚାଳନା କରିଥିବା ବେଳେ ସୁଲୁ ଗାଗାରାଇ, ବିକାଶ ଚାତାର, ଗାଙ୍ଗୁ ବିରୁଆ, ବୈଜୟନ୍ତୀ ଚାତାର, ଲୁଟୁ ଗାଗାରାଇ, ଲିଲି ଗାଗାରାଇ ସହଯୋଗ କରିଥିଲେ। ରାଜେଶ ଚାତାର ଧନ୍ୟବାଦ ଦେଇଥିଲେ।



